## ଛାତ୍ରୀଙ୍କୁ କମେଣ୍ଟ ମାରି ୩ ଅଟକ

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ୩ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣଙ୍କ କଲେଜରୁ ଫେରୁଥିବା ବେଳେ ହବିବନଗର କଣ୍ଟାବଣିଆ ରାସ୍ତାରେ ୩ ଯୁବକ ତାଙ୍କୁ କମେଣ୍ଟ କରିଥିଲେ। ଏହା ଦେଖି ଜଣେ ବ୍ୟକ୍ତି ବିରୋଧ କରି ସେମାନଙ୍କୁ କାବୁ କରି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ଧାମନଗର ଥାନାଧିକାରୀ ପ୍ରଦୀପ୍ତ ମହନ୍ତ ପହଞ୍ଚି ୩ ଯୁବକଙ୍କୁ ଥାନାକୁ ନେଇଥିଲେ।



## ସଂକ୍ଷେପରେ

### କୂଅରୁ ହାତୀଛୁଆ ଉଦ୍ଧାର



କେନ୍ଦୁଝର/ଯୋଡ଼ା, ୨୩।୧୦(ସ୍ୱ.ପ୍ର./ଡି.ଏନ.ଏ.) କେନ୍ଦୁଝର ବନଖଣ୍ଡ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନେଧିଗୋଠ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଏକ କୂଅରେ ହାତୀ ଛୁଆ ଖସି ପଡ଼ିଥିଲା। ଶନିବାର ଅପରାହ୍ନରେ ୧୨ଟିକିଆ ହାତୀ ପଲ ସହ ଛୁଆ ହାତୀଟି ଯାଉଥିବା ବେଳେ ଉକ୍ତ କୂଅରେ ପଡି ଯାଇଥିଲା। ଖବରପାଇ ବନ ବିଭାଗ ଅଧିକାରୀ କର୍ମଚାରୀଙ୍କ ସହ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୩ଘଣ୍ଟା ପରେ ସନ୍ଧ୍ୟାରେ ରଶି ସାହାଯ୍ୟରେ ହାତୀ ଛୁଆଟିକୁ ଉଦ୍ଧାର କରାଯାଇଥିବା ଡିଏଫ୍‌ଓ ଡି. ଡି. ହନୁମତ ସୂଚନା ଦେଇଛନ୍ତି। ଉକ୍ତ ହାତୀର ବୟସ ପ୍ରାୟ ୧ବର୍ଷ ହେବ ବୋଲି ଜଣାଯାଇଛି।

### ଗ୍ୟାସ୍ ସିଲିଣ୍ଡର ଫାଟି ୩ ଗୁରୁତର

ଯୋଡ଼ା, ୨୩।୧୦ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ସୁନା ନଦୀ ପୋଲ ନିକଟ ରାସ୍ତା କଡ଼ରେ ଥିବା ଏକ ବେଆଇନ ରନ୍ଧନ ଗ୍ୟାସ ଦୋକାନରେ ଗ୍ୟାସ ବିକ୍ରି ସମୟରେ ଗ୍ୟାସ ଟାଙ୍କି ଫାଟି ୩ ଶ୍ରମିକ ଗୁରୁତର ହୋଇଛନ୍ତି। ଆହତଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ପଠାଇଦିଆଯାଇଛି। ଆହତମାନେ ହେଲେ ଯୋଡା ହୁଡିସାହିର ବୁଦ୍ଧଦେବ ମହାକୁଡ, ସଞ୍ଜୟ ମହାରଣା ଏବଂ ସାଗର ଖାନ। ଶନିବାର ଜଣେ ବ୍ୟକ୍ତି ଗ୍ୟାସ ଚୂଲା ମରାମତି ଦୋକାନରେ ବଡ ଟାଙ୍କିରୁ ଛୋଟ ଟାଙ୍କିକୁ ଗ୍ୟାସ ଭର୍ତ୍ତି କରୁଥିବା ବେଳେ ଅସାବଧାନତାବଶତଃ ଜଳୁଥିବା ଚୂଲିଟି ଗ୍ୟାସ ସଂସ୍ପର୍ଶରେ ଆସିଥିଲା। ଫଳରେ ଖୁବ ଜୋରରେ ବିସ୍ଫୋରଣ ହୋଇଥିଲା।

# ୨ କି.ମି. ଚାଲିଲେ ଗର୍ଭବତୀ

- ରାସ୍ତା ଖରାପ ଯୋଗୁ ଆସି ପାରିଲାନି ଆମ୍ବୁଲାନ୍ସ
- ଭିଡିଓ ଭାଇରାଲ

ବନ୍ତ,୨୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଲୋକ ପଞ୍ଚାୟତ ତାଳବାଙ୍କ ଆଦିବାସୀ ସାହିକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଚାଲି ଚାଲି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଯିବାକୁ ପଡ଼ିଛି। ଗତ ଗୁରବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରକାଶ ଯେ, ତାଳବାଙ୍କ ଆଦିବାସୀ ସାହିର ନାଥ ମୁଣ୍ଡାଙ୍କ ସ୍ତ୍ରୀ ବୁଦୁନି(୨୫) ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିଛି ସମୟ ମଧ୍ୟରେ ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ରାସ୍ତା ଖରାପ ଯୋଗୁ ଗ୍ରାମ ମଧ୍ୟକୁ ଆସି ନ ପାରି ଆମ୍ବୁଲାନ୍ସ ୨ କି.ମି. ଦୂର ମୁଖ୍ୟ ରାସ୍ତାରେ ଛିଡ଼ା ହୋଇଥିଲା।



ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଯାଉଛି।

ଫଳରେ ଆଶାକର୍ମୀ ଓ ପରିବାର ଲୋକେ ବୁଦୁନିଙ୍କୁ ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ପରେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

ବାଲିଗଡ଼ିଆ ଆର୍‌.ଡି ରୋଡ୍‌ଠାରୁ ତାଳବାଙ୍କ ରେବ ନଦୀ ପର୍ଯ୍ୟନ୍ତ ଅଢ଼େଇ କି.ମି. ରାସ୍ତା ଗତ ୧୦ ବର୍ଷ ହେବ ମରାମତି ହୋଇନାହିଁ। ଫଳରେ ରାସ୍ତା ଖାଲଖମାରେ ପରିଣତ ହୋଇଛି। ବର୍ଷାଦିନେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ଏହି ଗ୍ରାମରେ ପ୍ରାୟ ୨ ଶହ ଅନୁସୂଚିତ ଜନଜାତି ସମେତ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଉକ୍ତ ରାସ୍ତା ମରାମତି କରା ନ ଗଲେ ଭୋଟ୍ ବର୍ଜନ କରିବେ ବୋଲି ନନ୍ଦକିଶୋର ବାରିକ, କାହ୍ନୁ ଚରଣ ନାୟକ, ଟିମା ମୁଣ୍ଡା, ଶଙ୍କର ମୁଣ୍ଡା, ମଧୁ ମୁଣ୍ଡାଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କୁ ପଚାରିବାରୁ ଉକ୍ତ ରାସ୍ତା ମରାମତି ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗାଁମୁଣ୍ଡରେ ଶିଶୁକନ୍ୟାର ଗଳିତ ମୃତଦେହ

- ଲକ୍ଷ୍ମୀପୂଜା ଦେଖିବାକୁ ଯାଇ ନିଖୋଜ ଥିଲେ
- ବଳାତ୍କାର ପରେ ହତ୍ୟା ସନ୍ଦେହ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ଲକ୍ଷ୍ମୀପୂଜା ଦେଖିବାକୁ ଯାଇ ନିଖୋଜ ଥିବା ଜଣେ ୫ ବର୍ଷର ଶିଶୁକନ୍ୟା ଗଳିତ ମୃତଦେହ ଶନିବାର ଗାଁ ମୁଣ୍ଡରୁ ଜବତ ହୋଇଛି। ତାଙ୍କୁ ଅପହରଣ କରି ବଳାତ୍କାର ପରେ ହତ୍ୟା କରାଯାଇଥିବା ଶିଶୁକନ୍ୟାଙ୍କ ପରିବାର ଲୋକେ ସନ୍ଦେହ କରିଛନ୍ତି। ତୁରନ୍ତ ଦୋଷୀଙ୍କୁ ଗିରଫ କରାଯାଇ ଫାଶୀ ଦିଆଯାଉ ବୋଲି ଶିଶୁକନ୍ୟାଙ୍କ ବାପା ଦାବି କରିଛନ୍ତି।

ବୁଧବାର ସନ୍ଧ୍ୟାରେ ଗ୍ରାମରେ ହେଉଥିବା ଲକ୍ଷ୍ମୀ ପୂଜା ଦେଖିବାକୁ ଶିଶୁକନ୍ୟାଟି ତାଙ୍କ ମା' ସହ ଯାଇଥିଲେ। ରାତି ପ୍ରାୟ ୮ଟା ପରଠାରୁ ସେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଶୁକ୍ରବାର ନିଖୋଜ ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୪୪୨/୨୧)ରୁଜୁ କରି ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି ଆରମ୍ଭ କରିଥିଲା। ଶନିବାର ସକାଳୁ ଗାଁ ମୁଣ୍ଡରୁ ଶିଶୁକନ୍ୟାର ମୃତଦେହ ମିଳିଥିଲା। ସଦର ଏସ୍‌ଡିପିଓ ପି.ଜେ.ଟପୋ, ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ବିଶେଷଜ୍ଞ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତବର୍ମା କହିଛନ୍ତି, କେନ୍ଦୁଝର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ବରୁ ମଧ୍ୟ ଏଭଳି ଘଟଣାକୁ ଚପାଇ ଦିଆଯାଇଛି। ଶିଶୁକନ୍ୟା ମୃତଦେହ ଜବତ ଘଟଣାକୁ ପୋଲିସ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଆନ୍ଦୋଳନ ପରେ ଟିକାକରଣ



ଟିକାକରଣ ଦାବିରେ ଅନଶନ କରାଯାଇଛି।

ଭୋଗରାଇ, ୨୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବିଭିନ୍ନ କୋଭିଡ୍ ଟିକାକରଣ କେନ୍ଦ୍ରରେ ବିଭ୍ରାଟ ହେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିକା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାୟୀ କରାଯାଇଛି। ନିର୍ଘଣ୍ଟ ଦିନ ଓ ଠିକ୍ ସମୟରେ ଟିକା ଦିଆଯାଉ ନ ଥିବାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିରାଶ ହୋଇ ଘରକୁ ଫେରୁଛନ୍ତି। ସ୍ଲଟ ବୁକିଂ କରିଥିଲେ ମଧ୍ୟ ଟିକା ନେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଶନିବାର ମହେଶପୁର ୟୁଜିଏମ୍‌ଇ ସ୍କୁଲରେ ଟିକାକରଣ କାର୍ଯ୍ୟ ନିର୍ଘଣ୍ଟ ଘୋଷଣା ପୂର୍ବ ନିର୍ଦ୍ଧାରିତ ଦିନରେ କରାଯାଇଥିଲେ ମଧ୍ୟ ହଠାତ୍ ତାହା ବନ୍ଦ ହେବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସାମାଜିକ କର୍ମୀ ବରେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ଶନିବାର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନଶନ କରିବା ପରେ ଟିକାକରଣ ଆରମ୍ଭ କରାଯାଇଥିଲା। ଏହି ଟିକାକରଣ କେନ୍ଦ୍ରରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ୫ଶହ ବ୍ୟକ୍ତି ଶାନ୍ତିଶୃଙ୍ଖଳାରେ ଟିକା ନେଇଥିଲେ।

## ପେଟ୍ରୋଲ ପମ୍ପରେ ମୋଦିଙ୍କ ବ୍ୟାନର ଚିରିଲେ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଦେଶରେ ପେଟ୍ରୋଲ, ଡିଜେଲ ଗ୍ୟାସର ଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦ କରି କେନ୍ଦୁଝର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାଗିଥିବା ହୋର୍ଡିଂ ଓ ବ୍ୟାନରଗୁଡିକ ଛାତ୍ର କଂଗ୍ରେସ କର୍ମୀମାନେ ଚିରିଦେଇଛନ୍ତି। ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ନେତୃତ୍ୱରେ ଛାତ୍ର ନେତାମାନେ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ଗାନ୍ଧୀ ଛକ ନିକଟ ଏକ ତେଲ ପମ୍ପ ରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଂଗୀତା ସିଂହ ଉପସ୍ଥିତ ଥିଲେ ।

## ମେରୁମଠ ବୁଲିଲେ ମନ୍ତ୍ରୀ

ସାରସକଣା,୨୩।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଶୀର୍ଷା ସ୍ଥିତ ମେରୁମଠ ଅନ୍ୟତମ। ଓଡିଶା, ଝାଡ଼ଖଣ୍ଡ ସୀମାରେଖା ଦେଇ ବୋହିଯାଇଥିବା ସୁବର୍ଣ୍ଣରେଖା ନଦୀ କୂଳରେ ମେରୁମଠ ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା କାର୍ଡ ବଣ୍ଟନ ପାଇଁ ଆସିଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ମେରୁମଠ ବୁଲି ଦେଖିଥିଲେ। ଅର୍ଥମନ୍ତ୍ରୀଙ୍କ ସହିତ ସାରସକଣା ତହସିଲଦାର ଲଲାଟେନ୍ଦୁ ସିଂ, ବିଡିଓ କରୁଣାକର ଧିଣ୍ଡା , ପୂର୍ବତନ ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମଠର ରକ୍ଷଣାବେକ୍ଷଣ ଏବଂ ବିକାଶ ପାଇଁ ଅର୍ଥରାଶି ଶୀଘ୍ର ମଞ୍ଜୁର ହେବ ବୋଲି ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମଠରବାବା ସଞ୍ଜୟ ଦାସ ପ୍ରକାଶ କରିଛନ୍ତି।



ମେରୁମଠରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।






## ଭାଜପା କର୍ମୀଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ବେଳେ ଶୁକ୍ରବାର ଭାଜପା କର୍ମୀମାନଙ୍କୁ ଆକ୍ରମଣ କରାଯାଇଥିଲା। ଏନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଛି। ସେମାନେ ହେଲେ ଦିବ୍ୟବ୍ରତ ମହାନ୍ତି ଓ ଅଜିତ୍ ପରିଡ଼ା।

## ଆଜି କ'ଣ କେଉଁଠି

ବୈଶିଙ୍ଗା

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବଣ୍ଟନ, ସ୍ଥାନ: ପୁରୁଣିଆ ପଞ୍ଚାୟତ କାର୍ଯ୍ୟାଳୟ, ବେତନଟୀ, ସମୟ: ସକାଳ ୯ଟା।

## ମହୁମାଛି ଆକ୍ରମଣରେ ୨ମହିଳା ଗୁରୁତର

ଆନନ୍ଦପୁର,୨୩। ୧୦(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଖାଲିଆମେଣ୍ଟା ଗ୍ରାମରେ ମହୁମାଛି ଆକ୍ରମଣର ଶିକାର ହୋଇ ଦୁଇ ମହିଳା ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗ୍ରାମର ପଙ୍କଜିନୀ ଜେନା କୌଣସି କାର୍ଯ୍ୟରେ ବାଡିକୁ ଯାଉଥିବା ସମୟରେ ମହୁମାଛି ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସାନ ଯା ଉର୍ବଶୀ ଜେନା ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ।

## ପିଲେଟ ଚାଲାଣ ବେଳେ ହାଇୱା ଜବତ, ୨ ଗିରଫ

ବଡ଼ବିଲ, ୨୩।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ପୋଲିସ ଶୁକ୍ରବାର ଚୋରାଚାଲାଣ ହେଉଥିବା ଏକ ପିଲେଟ ବୋଝେଇ ହାଇୱାକୁ ଜବତ କରିବା ସହ ଘଟଣାରେ ସଂପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରକ୍ ଚାଳକ ଝାଡଖଣ୍ଡ ରାଜ୍ୟ ଗୁଆ ଥାନା ଅଞ୍ଚଳର ଭାଗିରଥି ସିଦ୍ଧୁ ଏବଂ ହେଲପର ବେଲକୁଣ୍ଡି ଅଞ୍ଚଳର ଶିବନାଥ ଜେରେଇ। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ଆରିୟା ପ୍ଲାଣ୍ଟରୁ ଏକ ହାଇୱା ଯୋଗେ ପିଲେଟ ବୋଝେଇ କରି ବଡବିଲ ରେଳ ସାଇଡିଂ ଅଭିମୁଖେ ବାହାରିଥିଲା। ଟ୍ରକ୍‌ଟି ରେଳ ସାଇଡିଂରେ ପିଲେଟ ଅନଲୋଡ କରି ନ ଥିଲେହେଁ ଚାଲାଣରେ ଅନଲୋଡ ହୋଇଥିବା ଦର୍ଶାଯାଇଥିଲା। ତେବେ ଟ୍ରକ୍‌ଟି ଝାଡଖଣ୍ଡ ଆଡକୁ ବଡବିଲ କିରିବୁରୁ ଛକ ଦେଇ ଯାଉଥିବାବେଳେ ସନ୍ଦେହରେ ପୋଲିସ ଅଟକାଇ ଯାଞ୍ଚ କରିବାରୁ ପିଲେଟ ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଏନେଇ ଆରିୟା ପ୍ଲାଣ୍ଟ କର୍ତ୍ତୃପକ୍ଷ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୭୯/୨୧) ରୁଜୁ କରି ପିଲେଟ ବୋଝେଇ ଟ୍ରକଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## ଗୋରୁ ବୋଝେଇ ଗାଡ଼ି ଜବତ

ବନ୍ତ,୨୩।୧୦(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା-କୁପାରୀ ରାସ୍ତାର କାଣ୍ଡବା ପୋଲ ନିକଟରୁ ଶନିବାର ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ପୂର୍ବାହ୍ନରେ ଆଗରପଡ଼ାରୁ ଏକ ପିକ୍‌ଅପ୍ ଭ୍ୟାନ୍ ବେଆଇନ ଭାବେ ୧୦ ଗୋରୁଙ୍କୁ ନେଇ କୁପାରୀ ଅଭିମୁଖେ ଯାଉଥିଲା। ଆଗରପଡ଼ା ପୋଲିସ ପହଞ୍ଚି ଗାଡ଼ିକୁ ଅଟକାଇ ଥାନାକୁ ନେଇଥିଲା। ଏନେଇ ଥାନାରେ ମାମଲା (ନଂ.୨୪୭/୨୧) ରୁଜୁ ହୋଇଛି। ଗିରଫ ମୁଣ୍ଡଳି ଗ୍ରାମର ଭରତ ରାଉତ ଓ ଜଳେଶ୍ୱର ଅଞ୍ଚଳର ଶେଖ୍ ସାଇଜୁଦ୍ଦିନ ବକ୍ସଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆମ୍ବୁଲାନ୍ସ ଦେଲା ଜେଏସ୍‌ଡବ୍ଲ୍ୟୁ

ଯୋଡ଼ା,୨୩।୧୦(ଡି.ଏନ.ଏ)-କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ୫ଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ସବୁଜ ପତାକା ଦେଖାଇ ଏହାକୁ ଲୋକାର୍ପଣ କରିଥିଲେ। ଫାଉଣ୍ଡେଶନର ସିଇଓ ଅଶ୍ୱିନୀ ସକ୍‌ସେନାଙ୍କ ସମେତ ପ୍ରଶାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ପାଢ଼ୀ, ଅରୁଣ ରାଉତ, ଶ୍ରୀଜୀତ ମିଶ୍ର, କେଦାରନାଥ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଆମ୍ବୁଲାନ୍ସଗୁଡ଼ିକ ଗୁଆଲୀ, ଭଦ୍ରାସାହି, ବଡ଼ବିଲ, ଯୋଡ଼ା, ଜୁରୁଡ଼ି, ଜଜାଙ୍ଗ ଆଦି ଅଞ୍ଚଳରେ ରୋଗୀସେବା ଯୋଗାଇବାରେ ସହାୟକ ହେବ।

## ପରିବା ଦର ଆକାଶ ଛୁଆଁ

ପାଟଣା,୨୩।୧୦(ସ୍ୱ. ପ୍ର.): କାର୍ତ୍ତିକ ପ୍ରବେଶର ସପ୍ତାହେ ନପୁରୁଣୁ କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ,ତୁରୁମୁଙ୍ଗା ଓ ସାହାରପଡା ବଜାର ଅଞ୍ଚଳରେ ପରିବା ଦର ଆକାଶଛୁଆଁ ହୋଇଛି। ବର୍ତ୍ତମାନ ସାପ୍ତାହିକ ହାଟ ଓ ଦୈନିକ ବଜାରରେ ଫୁଲକୋବି ୧୦୦, ବନ୍ଧା କୋବି ୬୦, ବିନ୍ସ ୮୦, ବିଲାତି ୮୦, କାଙ୍କଡ଼ ୧୨୦, କଞ୍ଚା ଲଙ୍କା କିଲୋ ୮୦ ଟଙ୍କାରେ ବିକ୍ରି ହେଉଥିବାରୁ ଖାଉଟିଙ୍କ ସହ ହବିଷ୍ୟାଳିଙ୍କ ଚିନ୍ତା ବଢ଼ିଛି। ପୁରୁଣା ଗଛ ଉପାଡ଼ି ନୂଆ ଲଗାଇବା ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାରୁ ଆଉ ଖାଉଟିଙ୍କ ତୁଳନାରେ ଉତ୍ପାଦନ କମ୍ ରହୁଥିବାରୁ ଦର ବୃଦ୍ଧି ଘଟିଥିବା ଚାଷୀ ଗୋତମ ମହାନ୍ତ ମତପ୍ରକାଶ କରିଛନ୍ତି।

# ଜଙ୍ଗଲରେ ପରିତ୍ୟକ୍ତ ଐତିହ୍ୟ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୩।୧୦

- ଦୃଷ୍ଟି ଆଢୁଆଳରେ ଚକ୍ରତୀର୍ଥ ପୀଠ
- ମହାବାତ୍ୟାରେ ପଥର ଖସି ବନ୍ଦ ହୋଇଯାଇଛି ରାସ୍ତା
- ସଂରକ୍ଷଣ ଲୋଡୁଛି ଐତିହାସିକ କୀର୍ତ୍ତିରାଜି


ଗଡ଼ଚଣ୍ଡୀ ମନ୍ଦିର।


ଜଙ୍ଗଲରେ ଥିବା ବୌଦ୍ଧ କୀର୍ତ୍ତି।


ଚକ୍ରତୀର୍ଥ ପୀଠରେ ଥିବା ଝରଣା

କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡରେ ଥିବା ଚକ୍ରତୀର୍ଥ, ଗଡ଼ଚଣ୍ଡୀ ପର୍ଯ୍ୟଟନ କ୍ଷେତ୍ରରେ ପ୍ରାଚୀନ ବୌଦ୍ଧ ଓ ଜୈନ ପରମ୍ପରାର ଝଲକ ଦେଖିବାକୁ ମିଳେ। କିନ୍ତୁ ଏହି ସ୍ଥାନ ଗୁଡ଼ିକ ଅବହେଳିତ ହୋଇଥିବାରୁ ଜଙ୍ଗଲରେ ପଡ଼ିରହିଛି ଜୈନ ଓ ବୌଦ୍ଧ କୀର୍ତ୍ତିରାଜି। ତେବେ ଏସବୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ସ୍ଥାନ ହୋଇଥବାରୁ ପ୍ରଶାସନ ଏହାକୁ ଦୃଷ୍ଟି ଦେଇ ଜୈନ ଏବଂ ବୌଦ୍ଧ କୀର୍ତ୍ତିରାଜି ସଂରକ୍ଷଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶାନ୍ତ ପରିବେଶ ମଧ୍ୟରେ ରହିଛି ଚକ୍ରତୀର୍ଥ ଶୈବପୀଠ। ଆନନ୍ଦପୁର ଉପଖଣ୍ଡ କାଠକଟା ପଞ୍ଚାୟତ ଅଧୀନ ବଉଳା ପର୍ବତମାଳା ପାଦଦେଶରେ ରହିଛି ଏହି ପୀଠ। ଘଞ୍ଚ ପ୍ରାକୃତିକ ଜଙ୍ଗଲ ପରିବେଷ୍ଟିତ ଏହି ସ୍ଥାନରେ ବହୁ ପୁରାତନ ଶିବ ମନ୍ଦିର, ମଠ ଏବଂ ଜଳପ୍ରପାତ ରହିଛି। ମନ୍ଦିରର ରକ୍ଷଣାବେକ୍ଷଣ କରନ୍ତି ଜଣେ ବାବା। ଏଠାରେ ଥିବା ବାବାଙ୍କ ମଠରେ ସର୍ବଦା ଧୁନି ଜଳେ। ଘଞ୍ଚ ଅରଣ୍ୟ ସ୍ଥାନକୁ ହସ୍ତୀ ଅଭୟାରଣ୍ୟ ତଥା ଚକ୍ରତୀର୍ଥ ଜୈବ ମଣ୍ଡଳ ଭାବେ ସରକାର ସଂରକ୍ଷିତ କରିଥିବା ବେଳେ ଐତିହାସିକଙ୍କ ମତରେ ଏକଦା ଏହି ସ୍ଥାନଟି ଏକ ଜୈନକ୍ଷେତ୍ର ଭାବେ ପରିଚିତ ଥିଲା। ମନ୍ଦିର ନିକଟରେ ବୋହି ଯାଉଛି ଏକ ଝରଣା, ଯାହାକି ଏକ ଜଳପ୍ରପାତ ସଦୃଶ ପାଣି ଉପରୁ ଖସି ତଳେ ପଡ଼ି ପ୍ରବାହିତ ହେଉଛି। ଏହି ପାହାଡ଼ରେ ଭଗବାନ୍ ବିଷ୍ଣୁଙ୍କ ଦ୍ୱାରା ଚକ୍ରଭେଦ ହେବା ପରେ ଏକ ଝରଣା ସୃଷ୍ଟି ହୋଇଥିଲା ବୋଲି ଲୋକମୁଖରୁ ଶୁଣାଯାଏ। ଏଠାକାର ଶାନ୍ତ ପରିବେଶ ସମୟକ୍ରମେ ଜୈନ ଧର୍ମାବଲମ୍ବୀ ସାଧୁ ସନ୍ଥଙ୍କୁ ତପସ୍ୟା ଲାଗି ଆକୃଷ୍ଟ କରିଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନଟି ଚକ୍ରତୀର୍ଥ ନାମରେ ନାମିତ ହୋଇଥିଲା। ପାହାଡ଼ର ପାଦଦେଶରେ ତଥା ଝରଣା କୂଳରେ ରହିଛି ଚକ୍ରେଶ୍ୱର ମହାଦେବଙ୍କ ମନ୍ଦିର। ଝରଣା ଦେଇ ପାହାଡ଼ ଉପରକୁ ଏକ ପାଦ ଚଲା ରାସ୍ତା ଥିଲା। ଏହି ସ୍ଥାନରେ ଗରୁଡ଼ କୁଣ୍ଡ ଓ ଆକାଶ ଗଙ୍ଗା ନାମରେ ଏକ ଜଳାଶୟ ରହିଛି। ଏଠାରେ ଆଉ ଏକ କୁଣ୍ଡ ମଧ୍ୟ ଥିଲା, ଯାହାକୁ ଚକ୍ରକୁଣ୍ଡ ବୋଲି କୁହାଯାଏ। ଆଗରୁ ଶ୍ରଦ୍ଧାଳୁମାନେ ପାହାଡ଼ର ପ୍ରସ୍ତର ପାହାଚରେ ଚଢ଼ି ଚଢ଼ି ଯାଇ ସ୍ନାନ କରୁଥିଲେ ବୋଲି କୁହାଯାଏ। କିନ୍ତୁ ମହାବାତ୍ୟା ପରେ ପାହାଡ଼ରୁ ପଥର ଖସିବାରୁ ଏହି ରାସ୍ତାଟି ବନ୍ଦ ହୋଇଯାଇଥିବାବେଳେ ସେବେଠୁ ଉକ୍ତ ସ୍ଥାନକୁ ଯାତାୟାତ ବନ୍ଦ ହୋଇଯାଇଛି ।

ବଉଳା ପର୍ବତମାଳାର ଅନ୍ୟ ଏକ ପାର୍ଶ୍ୱରେ ରହିଛି ବୌଦ୍ଧତନ୍ତ୍ର ଯୁଗର ଗଡ଼ଚଣ୍ଡୀ ମନ୍ଦିର। ଏଠାକାର ପାହାଡ଼ ଗୁମ୍ଫାରେ ଦେବୀ ଚାମୁଣ୍ଡା ପୂଜା ପାଇ ଆସୁଥିବା ବେଳେ ପରବର୍ତ୍ତୀ ସମୟରେ ଏକ ମନ୍ଦିର ଗଢ଼ାଯାଇ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଆସୁଛି। ପରବର୍ତ୍ତୀ ସମୟରେ ଦେବୀଙ୍କ ଆଦେଶକ୍ରମେ ପାହାଡ଼ ତଳେ ପୂଜା ପାଇଆସୁଥିବା ସ୍ଥାନୀୟ ଲୋକ କଥା ରହିଛି। ୧୯୭୮ରେ ସ୍ଥାନୀୟ ଲୋକେ ଗଡ଼ଚଣ୍ଡୀ ଯୁବ ପରିଷଦ ଗଠନ କରି ଏହାର ରକ୍ଷଣାବେକ୍ଷଣ କରିଆସୁଛନ୍ତି। ୧୯୮୫ରେ ଏହି ମନ୍ଦିର ନିର୍ମାଣ କରାଯାଇଥିବା ବେଳେ ୧୯୯୮ରେ ଏହାକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଛି। ପାହାଡ଼ ପାଦ ଦେଶରେ ଚିରସ୍ରୋତା ଝରଣା କୂଳରେ ଅବସ୍ଥିତ ଏହି ରମଣୀୟ ସ୍ଥାନକୁ ବର୍ଷତମାମ ପର୍ଯ୍ୟଟକ ଆସିଥାନ୍ତି। ଏହି ଅଞ୍ଚଳରୁ ବହୁ ବୌଦ୍ଧତନ୍ତ୍ର ସମୟର କଳାକୀର୍ତ୍ତି ଉଦ୍ଧାର କରାଯାଇ ବିଭିନ୍ନ ସ୍ଥାନରେ ରଖାଯାଇଛି। ସେହିପରି ଏହା ନିକଟରେ ରହିଛି ରାମଚଣ୍ଡି ମନ୍ଦିର, ପୋଡ଼ାସିଙ୍ଗିଡି ; ଯେଉଁଠି ଜୈନ ଓ ବୌଦ୍ଧତନ୍ତ୍ର ଯୁଗର କଳାକୀର୍ତ୍ତିର ଅବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ। ଏହି ଅଞ୍ଚଳ ବିଷୟରେ ଅଧିକ ଗବେଷଣା ହେବା ଆବଶ୍ୟକ। ଏହାକୁ ନେଇ ବହୁ ଲେଖା ପ୍ରକାଶିତ ହୋଇଥିଲାବେଳେ ସରକାରଙ୍କ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ଜରିଆରେ ଏହି ସ୍ଥାନର ଖନନ କରାଗଲେ ଲୁଚି ରହିଥିବା ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଗବେଷକ ଡ. କୃଷ୍ଣଚନ୍ଦ୍ର ନାୟକ କୁହନ୍ତି ।

## ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁଝର ଜେଏମ୍ଏମ୍ ନେତା

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)

ଆଗାମୀ ପଞ୍ଚାୟତ ନିର୍ବାଚନରେ କେନ୍ଦୁଝର ଜିଲାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରାର୍ଥୀ ଦେବ। ଏନେଇ ଜିଲାର ଜେଏମ୍ଏମ୍ କର୍ମକର୍ତ୍ତାଙ୍କ ଏକ ଟିମ୍ ଝାଡ଼ଖଣ୍ଡ ଯାଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଆଗକୁ କିଭଳି କେନ୍ଦୁଝରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସଂଗଠନ ମଜଭୁତ ହୋଇପାରିବ ସେ ନେଇ ମୁଖ୍ୟମନ୍ତ୍ରୀ ସୋରେନ ପରାମର୍ଶ ଦେଇ ତୃଣମୂଳ ସଂଗଠନକୁ ସୁଦୃଢ଼ କରିବା ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ସାକ୍ଷାତକାରରେ ଜେଏମ୍ଏମ୍ ନେତା ତଥା ଘଷିପୁରା ପୂର୍ବତନ ବିଧାୟକ ପ୍ରାର୍ଥୀ ଜଗବନ୍ଧୁ ମହାନ୍ତ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଂସଦା, ସୁରଜ କୁମାର ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ଡ୍ରାଇଭର ଗିରଫ



ଖଇରା, ୨୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡାଲଙ୍ଗ ଗ୍ରାମ ନିକଟରେ ୯ ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ଶ୍ରୀରାମସେନା ସଂଗଠନର ସଦସ୍ୟମାନେ ଅଟକ ରଖି ଖଇରା ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ଗୋରୁଗୁଡ଼ିକୁ ମାର୍କୋଣା ଗୋଶାଳାକୁ ପଠାଇଛନ୍ତି। ଡ୍ରାଇଭର ଡଗରପଡାର ସିରାଜ ସାହାଜିଙ୍କୁ ଗିରଫ କରାଯିବା ସହ ଗାଡିକୁ ଜବତ କରାଯାଇଛି। ଏ ସମ୍ପର୍କରେ ଖଇରା ଥାନାରେ ଏକ ମାମଲା (ନଂ.୨୩୩/୨୧)ରୁଜୁ କରାଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଡଗରପଡାରୁ ଉକ୍ତ ଭ୍ୟାନ ଡଗରପଡା–ତୁଡିଗଡିଆ ରାସ୍ତାରେ ଅମାନବୀୟ ଭାବେ ଗୋରୁଗୁଡ଼ିକୁ ବାରିକପୁର ନିଆଯାଉଥିବା ବେଳେ ଶ୍ରୀରାମ ସେନାର କର୍ମୀମାନେ ଅଟକାଇଥିଲେ।

## ରକ୍ତଦାନ କଲେ ୧୭୯ ସଦସ୍ୟ



ଶିବିରରେ ସଂଘର ସଦସ୍ୟମାନେ ରକ୍ତଦାନ କରୁଛନ୍ତି।

ବାଲେଶ୍ୱର ଅଫିସ, ୨୩।୧୦

ବାଲେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର କାଳିଦାସପୁରସ୍ଥିତ ଆସୋସିଏଶନ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୭୯ଜଣ ସଂଘ ସଦସ୍ୟ ରକ୍ତଦାନ କରିଥିଲେ। ବାଲେଶ୍ୱର ସଂଘର ପୂର୍ବତନ ସଭାପତି ଦିବଙ୍ଗତ ଶ୍ୟାମସୁନ୍ଦର ମୋଦୀ ଓ ଆତ୍ମାରାମ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା।

ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଓ ଉପଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଳସେନ୍ ଜଗଦେବ, ସଂଘ ରାଜ୍ୟ ସଭାପତି ପି. ସତ୍ୟନାରାୟଣ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଓ ସାଙ୍ଗଠନିକ ସମ୍ପାଦକ ଦୀପକ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଭଦ୍ରକ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ ଜିଲାର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ। ସଂଘ ଜିଲା ସଭାପତି ସିଦ୍ଧାର୍ଥ ସାରଥି ଦାସ, ସମ୍ପାଦକ ସମୀର ଜଟାନିଆ, ସାଙ୍ଗଠନିକ ସମ୍ପାଦକ ସୁଦୀପ ଚକ୍ରବର୍ତ୍ତୀ, କୋଷାଧକ୍ଷ ଲାଇକୁ ମିଶ୍ର, ଅରୁଣ ଖଣ୍ଡେଲୱାଲ୍, ଭିକି ପଦାର, ବିକ୍ରମଜିତ କର, ଦିବାକର ରାହୁଲ, ଆଶିଷ ଘୋଷ, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

ବିଶୋଇ/ବାଙ୍ଗିରିପୋଷି/ କୁଆମରା, ୨୩।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକରେ ଶୁକ୍ରବାର ସ୍ମାର୍ଟ ହେଲଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଥିବା ବେଳେ ଶନିବାର ବ୍ଲକର ୪ ଗୋଟି ପଞ୍ଚାୟତ ଖଡ଼ମବେଡା, ଏନ.ବି. ପୋଖରିଆ, ଜୁଡ଼ିଆ ଏବଂ ଲୁହାକାନି ପଞ୍ଚାୟତରେ ଉକ୍ତ କାର୍ଡ ବଣ୍ଟନ କରାଯାଇଛି। ଓଡିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଏଡିଏମ ହେମନ୍ତ ସିଂ, ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ପ୍ରମୁଖ ଯୋଗଦେଇ ଉକ୍ତ କାର୍ଡର ଉପକାରିତା ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ। ସେହିପରି ଶନିବାର ବାଙ୍ଗିରିପୋଷି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁଙ୍କ ସଂଯୋଜନାରେ ଧୋବଣିଶୋଳ ଓ ଗୋଲାମୁଣ୍ଡାକଟା ପଞ୍ଚାୟତ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି କାର୍ଡ ବଣ୍ଟନ କରିଛନ୍ତି। ମତ୍ସ୍ୟ ଚାଷ ନିଗମ ଅଧକ୍ଷ ଅସିତ୍ ପଟ୍ଟନାୟକ, ବ୍ଲକ ଅଧକ୍ଷ ସୁବୋଧ ମାର୍ଣ୍ଡି, ତହସିଲଦାର ସତ୍ୟବାନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୋପବନ୍ଧୁ ନଗର ବ୍ଲକରେ ୪ଟି ପଞ୍ଚାୟତର ମୋଟ ୧୦୩୦ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଉକ୍ତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବ୍ଲକ ଅଧକ୍ଷ ସୁକେଶ୍ୱର ମଡେଇ, ଉପାଧକ୍ଷ ମାନସ ରଞ୍ଜନ ମହାରଣା, ବିଡିଓ ରବୀନ୍ଦ୍ର ମଲ୍ଲିକ, ୪ ସରପଞ୍ଚ ଓ ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବୈଶିଙ୍ଗା,୨୩।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଞ୍ଚଳର ଉକ୍ତ ନାବାଳିକା ବୈଶିଙ୍ଗା ଥାନା ଅଞ୍ଚଳରେ ନିଜ ମାମୁଘରେ ରହି ପାଠ ପଢ଼ନ୍ତି। ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଜଣେ ନାବାଳକ ଦ୍ୱାରା ଅପହରଣ ହୋଇଥିବା ତାଙ୍କ ମାମୁଘର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୦୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ନିଶା ବେପାରୀଙ୍କ ଘରକୁ ଘେରିଲା ଏସ୍‌ଏଚ୍‌ଜି

ବାଲିଆପାଳ, ୨୩।୧୦(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଜାମକୁଣ୍ଡା ଲକ ପାଖରେ ଏକ ସରକାରୀ ଜାଗାରେ ବେଆଇନ ଭାବରେ ହେଉଥିବା ମଦ, ଗଞ୍ଜେଇ ବେପାରକୁ ବିରୋଧ କରି ଶନିବାର ସ୍ଥାନୀୟ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏକଜୁଟ ହୋଇ ନିଶା ଭାଟିକୁ ଘେରିଥିଲେ। ହେଲେ ଜାମକୁଣ୍ଡା ଅଞ୍ଚଳର ବେପାରୀଜଣକ ଘଟଣାସ୍ଥଳରୁ କୌଶଳକ୍ରମେ ଫେରାର ହୋଇଯାଇଥିବା ବେଳେ ମହିଳାମାନେ ତାଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ଓ ମଦ ଜବତ କରି ନଷ୍ଟ କରିଛନ୍ତି। ତେବେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିବାରୁ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ ମୁଦୁଲି ଓ ବାଲିଆପାଳ ଥାନାର ଏଏସ୍ଆଇ ରାମଚନ୍ଦ୍ର ପୂର୍ତ୍ତୁଲ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କୁ ବୁଝାଶୁଝା କରିଥିଲେ। ପରେ ମହିଳାମାନେ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇ ଉକ୍ତ ସ୍ଥାନରେ ହେଉଥିବା ବେଆଇନ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିବା ସହିତ ବେପାରୀଙ୍କୁ ଗିରଫ କରିବା ଲାଗି ଦାବି କରିଛନ୍ତି।

## ଜଙ୍ଗଲ ଜମି ପଟ୍ଟା ପାଇଁ ଦାବିପତ୍ର

ସଜନାଗଡ଼,୨୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତରେ ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ବସବାସ କରୁଥିବା ବହୁ ପରିବାର ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗୁଡ଼ିବଣିଆ, ହୁଡ଼ିସାହି, ପୁଟିବନ୍ଧ, ଗାଙ୍ଗଟା ସାହି, କେନ୍ଦୁଆ, ଭୂଳନାଳ, ଦେଶବନ୍ଧ ଗ୍ରାମର ଶତାଧିକ ଗ୍ରାମବାସୀ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## କଳା କୃଷି ଆଇନ ବିରୋଧରେ ଖୋଲା ଅଧିବେଶନ

ଭଦ୍ରକ ଅଫିସ, ୨୩।୧୦

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ପକ୍ଷରୁ ଦୁଇଦିନିଆ ଭଦ୍ରକ ଜିଲା ସମ୍ମିଳନୀ ଖୋଲା ଅଧିବେଶନ ସଂସ୍କୃତି ଭବନ ପରିସରରେ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ମୁଖ୍ୟତଃ କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ, ରାଜ୍ୟ ସରକାରଙ୍କ ଶ୍ରମିକ ଆଇନ ଓ ଭ୍ରଷ୍ଟାଚାର ଶାସନ ବିରୋଧରେ ଏହି ଅଧିବେଶନରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷେ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା, ଜଳସେଚନ ବ୍ୟବସ୍ଥା, ଧାମରା ବନ୍ଦରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି, ଜିଲାରେ ନୂତନ ଶିଳ୍ପ ପ୍ରତିଷ୍ଠା, ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି କରାଯାଇଛି। ଅଭ୍ୟର୍ଥନା କମିଟି ସମ୍ପାଦକ ରାଧାନାଥ ଦାସ, ଚେୟାରମ୍ୟାନ ଦିବ୍ୟସିଂହ ନାୟକ, ଡ. ପ୍ରହ୍ଲାଦ ପତି, ପ୍ରଭାସ ମହାପାତ୍ର, ଚନ୍ଦ୍ରଶେଖର ନାୟକ, ରବି ପଟ୍ଟନାୟକ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିରାଡ଼ମ୍ବରରେ ସରିଲା ଯୋଡ଼ା ଲକ୍ଷ୍ମୀ ପୂଜା

ଯୋଡ଼ା,୨୩।୧୦(ଡି.ଏନ.ଏ.)



ଓଡ଼ିଶାର ପ୍ରସିଦ୍ଧ କେନ୍ଦୁଝର ଜିଲା ଯୋଡ଼ା ସହରର ଲକ୍ଷ୍ମୀପୂଜା କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ୧୯୬୭ରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି କରାଯାଇ ଏଠାରେ ପୂଜା ଆରମ୍ଭ ହୋଇଥିଲା। କାଳକ୍ରମେ ଏହା ଯୋଡ଼ା ସହରର ଲକ୍ଷ୍ମୀପୂଜା ପଡ଼ିଆରେ ଏକ ବିଶାଳ ମନ୍ଦିର ରୂପ ନେଇଛି। ଏହି ପୂଜାରେ ହେଉଥିବା ମେଳାକୁ କେବଳ କେନ୍ଦୁଝର ନୁହେଁ ଉତ୍ତର ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ବହୁ ଶ୍ରଦ୍ଧାଳୁ ଦେଖିବାକୁ ଆସିଥାନ୍ତି। ଚଳିତବର୍ଷ ମନ୍ଦିରରେ ସମସ୍ତ ରୀତିନୀତି ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିବା ମନ୍ଦିର କମିଟି ସଭାପତି ଦୁଃଶାସନ ସାହୁ କହିଛନ୍ତି। ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ରଖି ମା'ଙ୍କୁ ଦର୍ଶନ କରିଥିଲେ ବୋଲି କମିଟି ପକ୍ଷରୁ ଶ୍ରୀନିବାସ ସାହୁ, ନୀଳମଣି ମହାନ୍ତି, ପୁରୁଷୋତ୍ତମ ଦାସ, ହୃଷିକେଶ ଜେନା ପ୍ରମୁଖ ପ୍ରକାଶ କରିଛନ୍ତି। ଗତ ୧୯ ତାରିଖରୁ ଘଟ ସ୍ଥାପନ କରାଯାଇ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲା। ଗୀତାଯଜ୍ଞ, ବିଷ୍ଣୁ ସହସ୍ର ନାମ ହୋଇ ଶୁକ୍ରବାର ଚଣ୍ଡି ମହାଯଜ୍ଞ ଏବଂ ପୂର୍ଣ୍ଣାହୁତି ଦିଆଯାଇ ପୂଜା ସମାପ୍ତ ହୋଇଥିବା ମନ୍ଦିର ମୁଖ୍ୟ ପୂଜକ ରୁଦ୍ର ନାରାୟଣ ଦାସ, ପଣ୍ଡିତ ରାକେଶ ଶୁକ୍ଳା ଓ ସମରେଶ ପଣ୍ଡା କହିଛନ୍ତି।

## ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଶିକ୍ଷା ସମସ୍ୟା ନେଇ ବୈଠକ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)


ବୈଠକରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଓଡ଼ିଆ ଭାଷା ବିକାଶ ପରିଷଦର କର୍ମକର୍ତ୍ତା।

ଝାଡ଼ଖଣ୍ଡ ରାଜ୍ୟ ଚକ୍ରଧରପୁରର ବିଧାୟକ ସୁଖରାମ ଉରାଓଁଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଓଡ଼ିଆ ଭାଷା ଶିକ୍ଷା ସମସ୍ୟାର ଆଲୋଚନା କରିଥିଲେ ।

ଝାଡ଼ଖଣ୍ଡର କୋହ୍ଲାଣ ପ୍ରମଣ୍ଡଳର ପୂର୍ବସିଂହଭୂମ ଜିଲା, ଷଢେଇକଳା ଖରସୁଆଁ ଜିଲା ଓ ପଶ୍ଚିମ ସିଂହଭୂମ ଜିଲାର ମୂଳବାସୀ ଓଡ଼ିଆ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱରହିଛନ୍ତି ପ୍ରତ୍ୟେକ ଓଡ଼ିଆ ଭାଷୀ ଗାଁ ଓ ନଗରର ସରକାରୀ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ଓ ପୁସ୍ତକ ଯୋଗାଇ ଦିଆଯାଉ । ଝାଡ଼ଖଣ୍ଡ ଏକାଡେମୀ କାଉନସିଲର ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପାଠ୍ୟକ୍ରମରେ ଓଡ଼ିଆ ମାତୃଭାଷାକୁ ସାମିଲ କରାଯାଉ। ଝାଡ଼ଖଣ୍ଡର ସରକାରୀ ବିଦ୍ୟାଳୟରେ ଦୀର୍ଘ ପନ୍ଦର ବର୍ଷ ଠାରୁ ଓଡ଼ିଆ ମାତୃଭାଷା ଶିକ୍ଷାଦାନ କରୁଥିବା ଉତ୍କଳ ସମ୍ମିଳନୀ ଓଡ଼ିଆ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଝାଡ଼ଖଣ୍ଡ ସରକାର ପାରା ଶିକ୍ଷକ ରୂପେ ନିଯୁକ୍ତି ଦିଅନ୍ତୁ। ଝାଡ଼ଖଣ୍ଡ ସରକାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଓଡ଼ିଆ ସାହିତ୍ୟ ଓ ଗଣିତ ବହି ଯେପରି ପ୍ରକାଶିତ କରିଛନ୍ତି ସେହି ପରିଭାବେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଓ ଅନ୍ୟାନ୍ୟ ବିଷୟର ଓଡ଼ିଆ ବହି ପ୍ରକାଶିତ କରନ୍ତୁ ବୋଲି ଦାବିପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ ଓଡ଼ିଆ ଭାଷା ଶିକ୍ଷାର ଏହି ସମସ୍ୟା ଗୁଡିକ ଯଥାଶୀଘ୍ର ସମାଧାନ କରିବେ ଓ ପ୍ରତ୍ୟେକ ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧିଙ୍କ ମଧ୍ୟରେ ଷଢେଇକଳାର ରାଜା ପ୍ରତାପ ଆଦିତ୍ୟ ସିଂହ ଦେବ, ବିଶ୍ୱ ବ୍ୟାଙ୍କର ଶିକ୍ଷା ପରାମର୍ଶଦାତା ବିନୟ ପଟ୍ଟନାୟକ, ରାଞ୍ଚି ବିଶ୍ୱବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ଅଧ୍ୟକ୍ଷ ପ୍ରଫେସର ଡ଼ଃ ପ୍ରସନ୍ନ କୁମାର ପ୍ରଧାନ , ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ଉପସଭାପତି ସତ୍ୟପ୍ରକାଶ କର ପ୍ରମୁଖ ଉପସ୍ଥିତ ରହି ଉକ୍ତ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ସୋରେନଙ୍କୁ ଜଣାଇଥିଲେ ।

